# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 3 October– 2026

---

## ରାଜ୍ୟପାଳ

ଗ୍ରାମାଞ୍ଚଳ ଓ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଅଞ୍ଚଳର ରୋଗୀମାନଙ୍କ ପାଇଁ ଉନ୍ନତ ଶଲ୍ୟ ଚିକିତ୍ସା ସୁଲଭ ଓ ସହଜ ଉପଲବ୍ଧ କରାଇବା ଦିଗରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ସର୍ଜିକାଲ୍ ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜିର ୩୬ତମ ବାର୍ଷିକ ସମ୍ମିଳନୀକୁ ସମ୍ବୋଧିତ କରି ରାଜ୍ୟପାଳ କହିଛନ୍ତି, ଚିକିତ୍ସାର ସୁଫଳ ବ୍ୟାପକ ଭାବେ ଲୋକଙ୍କ ପାଖରେ ପହଞ୍ଚି ପାରିବା ହିଁ ଚିକିତ୍ସା କ୍ଷେତ୍ରରେ ଉତ୍କର୍ଷର ପ୍ରକୃତ ମାପକ । ବୈଷୟିକ ଦକ୍ଷତା ସହିତ ସଠିକ୍ ଚିକିତ୍ସା ନିଷ୍ପତ୍ତି ଓ ବିଭିନ୍ନ ବିଶେଷଜ୍ଞଙ୍କ ସମନ୍ୱିତ ଯୋଜନା ରୋଗୀସେବା ପାଇଁ ଅତ୍ୟାବଶ୍ୟକ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଛନ୍ତି ।

---

## ଉପମୁଖ୍ୟମନ୍ତ୍ରୀ–ଓଟିବି

ଓଡ଼ିଶା ଟ୍ରାଭେଲ ବଜାର– ଓଟିବି-୨୦୨୬ ସପ୍ତମ ସଂସ୍କାରଣ ଆଜିଠାରୁ ଭୁବନେଶ୍ୱରଠାରେ ଆରମ୍ଭ ହେଉଛି । ଏହା ଆସନ୍ତା ସୋମବାର ପର୍ଯ୍ୟନ୍ତ ଚାଲିବ । ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଫିକିର ମିଳିତ ସହଯୋଗରେ ଏହି ତିନିଦିନିଆ ବ୍ୟବସାୟିକ ପର୍ଯ୍ୟଟନ

ସମ୍ମିଳନୀ ଆୟୋଜିତ ହେବ। ଏଥିରେ ୯୨ରୁ ଅଧିକ ଘରୋଇ ସଂସ୍ଥା ୨୭ଟି ଦେଶର ବିଦେଶୀ ଟୁର୍ ଅପରେଟର ଏବଂ ୩୨ଟି କ୍ରେତା ଅଂଶଗ୍ରହଣ କରିବେ।

## ମନ୍ କି ବାତ୍ – ୧୨ବର୍ଷ ପୂର୍ତ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌କୁ ଆଜି ୧୨ବର୍ଷ ପୂରଣ ହୋଇଛି । ୨୦୧୪ ମସିହା ଆଜିର ଦିନରେ ମନ୍ କି ବାତ୍‌ର ପ୍ରଥମ ସଂସ୍କରଣ ଆକାଶବାଣୀ ପକ୍ଷରୁ ପ୍ରସାରଣ ହୋଇଥିଲା। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୩୮ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୧୨ବର୍ଷରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ, ସାଂସ୍କୃତିକ, ପରିବେଶ ଆଦି ସମ୍ବନ୍ଧରେ ବିଭିନ୍ନ ଘଟଣା ସମ୍ବନ୍ଧରେ ଆଲୋଚନା କରିଛନ୍ତି । ମନ୍ କି ବାତ୍ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ଏବଂ ସାଧାରଣ ନାଗରିକଙ୍କ ମଧ୍ୟରେ ଭାବ ଆଦାନ ପ୍ରଦାନର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଛି ।

## ଲୋକରଞ୍ଜନୀ

ରାଜ୍ୟର ଲୋକକଳା ଆମର ଗର୍ବ ଓ ଗୌରବ । ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାରରେ କଳାକାରଙ୍କ ଭୂମିକା ପ୍ରଶଂସନୀୟ ବୋଲି ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଲୋକକଳା ମହୋତ୍ସବ

**ଲୋକରଞ୍ଜନୀ–ଆମ କଳା ଆମ ଅସ୍ମିତା** କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି । କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରାୟ ୩୦ଟି ଲୁପ୍ତପ୍ରାୟ ଲୋକକଳା ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟର ଲୋକକଳା ଉପରେ ଆଧାରିତ ପୁସ୍ତକ 'ଲୋକରଂଜନୀ' ଉନ୍ମୋଚିତ ହୋଇଥିଲା ।

---

# ଷୋଳପୂଜା

ପୁରୀ ଶ୍ରୀକ୍ଷେତ୍ରରେ ଆଜିଠାରୁ ଶାରଦୀୟ ପାର୍ବଣର ଷୋଳପୂଜା ଆରମ୍ଭ ହେଉଛି । ଏଥିପାଇଁ ଆଜି ଶ୍ରୀନଅରରେ ଗଜପତିଙ୍କ ରାଜଗୁରୁ ବ୍ରାହ୍ମଣମାନଙ୍କୁ ବରଣ କରିବେ । ଶ୍ରୀମନ୍ଦିରରେ ମାଆ ବିମଳାଙ୍କ ପୀଠ ସହିତ ମାଆ ଭୁବନେଶ୍ୱରୀ, ବାଟମଙ୍ଗଳା, ଉତ୍ତରାୟଣୀ, ଦକ୍ଷିଣକାଳୀ, ଆଲମଚଣ୍ଡୀଙ୍କ ପୀଠରେ ଷୋଳପୂଜା ନୀତି ଆରମ୍ଭ ହେବ । ଶ୍ରୀମନ୍ଦିରରେ ସକାଳ ଧୂପ ପରେ ମାଆ ଦୁର୍ଗାଙ୍କ ସ୍ୱର୍ଣ୍ଣପ୍ରତିମା ରତ୍ନସିଂହାସନରେ ବିଜେ କରାଯିବ । ମଆ ସୁଭଦ୍ରାଙ୍କ ଆଜ୍ଞାମାଳ ଦୁର୍ଗାଙ୍କୁ ଲାଗି କରାଯିବା ପରେ ଦେବୀଙ୍କ ସହସ୍ର କୁମ୍ଭାଭିଷେକ ଅନୁଷ୍ଠିତ ହେବ । ଶ୍ରୀମନ୍ଦିରରେ ଆଜି ମୂଳାଷ୍ଟମୀ ସହ ଦୁର୍ଗାମାଧବ ଉପାସନା ନୀତି ମଧ୍ୟ ପାଳନ କରାଯାଉଛି ।

ନବରଙ୍ଗପୁରର ଅଧିଷ୍ଠାତ୍ରୀ ଦେବୀ ମାଆ ଭଣ୍ଡାରଘରଣୀଙ୍କ ମନ୍ଦିରରେ ମଧ୍ୟ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି । ଦଶହରାରେ ଦେବଦେବୀଙ୍କୁ ନିମନ୍ତ୍ରଣ ଲାଗି ମାଆଙ୍କ ଆଜ୍ଞାମାଳ ଗ୍ରହଣ କରାଯିବ ।

---

## ଜିଲ୍ଲାପାଳ-ସମୀକ୍ଷା

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅଢୁଆଁ ପଞ୍ଚାୟତରେ ହସ୍ତତନ୍ତ କେନ୍ଦ୍ର ଏବଂ ଶହୀଦ ପୀଠ ଇରମ୍ ରେ ଚାଲିଥିବା ବିଭିନ୍ନ ପ୍ରକଳ୍ପକୁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଅନୁଧ୍ୟାନ କରିଛନ୍ତି । ବୁଣାକାରଙ୍କ ବିକାଶ, ଉତ୍ପାଦିତ ସାମଗ୍ରୀର ବଜାର ବୃଦ୍ଧି, ଇରମର ପର୍ଯ୍ୟଟନ ପ୍ରକଳ୍ପ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

---

## ବନ୍ୟପ୍ରାଣୀ ସପ୍ତାହ

ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆଜି ୭୨ତମ ବନ୍ୟପ୍ରାଣୀ ସପ୍ତାହର ଉଦ୍‌ଘାଟନୀ ସମାରୋହ ଆୟୋଜିତ ହେଉଛି । ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

---

## ଗ୍ରାମସଭା

ଗଞ୍ଜାମ ଜିଲ୍ଲାର ୪୯୩ଟି ଗ୍ରାମପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ରାମର ମୌଳିକ ସମସ୍ୟା, ପଞ୍ଚାୟତ ବିକାଶ

ଯୋଜନା, ରାସ୍ତାଘାଟ, ସ୍ୱଚ୍ଛତା, ସାମାଜିକ ସୁରକ୍ଷା ଓ ଶିକ୍ଷା ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା ।

---

## ସେବା ସଂକଳ୍ପ ଅଭିଯାନ

ସେବା ସଂକଳ୍ପ ଅଭିଯାନ ପାଳନ ଅବସରରେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

---

## ଏସିଆନ୍ ଗେମ୍ସ୍

ଜାପାନରେ ଚାଲିଥିବା ଏସୀୟ କ୍ରୀଡ଼ାରେ ଆଜି ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ । ଉଭୟ ଦଳ ପ୍ରଥମଥର ପାଇଁ ଏସୀୟ କ୍ରୀଡ଼ାରେ ପରସ୍ପରକୁ ଭେଟିବେ । ଏହି ମ୍ୟାଚ୍ ପୂର୍ବାହ୍ନ ସାଢ଼େ ୧୦ଟାରୁ ଆରମ୍ଭ ହେବ ।

ଭାରତୀୟ କ୍ରୀଡ଼ାବିତ୍‌ମାନେ ଚିତ୍ତାକର୍ଷକ ପ୍ରଦର୍ଶନ ସହ ଗତକାଲି ୬ଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଏହା ସହିତ ଭାରତ ୧୬ଟି ସ୍ୱର୍ଣ୍ଣ, ୨୫ଟି ରୌପ୍ୟ ଓ ୩୫ଟି କାଂସ୍ୟ ପଦକ ସହ ମୋଟ୍ ୭୬ଟି ପଦକ ହାସଲ କରି ପଞ୍ଚମ ସ୍ଥାନରେ ପହଞ୍ଚିଛି ।

---